# ତହସିଲଦାରଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର

ଫୋନ ନଂ 0674-2432442

ଇମେଲ୍- tah.bbsr-od@nic.in

ବିଜ୍ଞାପନ ସଂଖ୍ୟା ....4295..../ ତାରିଖ ....26/6/2020....

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଅଧିନସ୍ଥ ଭୁବନେଶ୍ୱର ତହସିଲ ଅନ୍ତର୍ଗତ **Annexure-I** ରେ ଉଲ୍ଲେଖିତ ଯଥା କଲ୍ୟାଣପୁର ବାଲିଘାଟ "ଖ" ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ ) ଏବଂ ଦୁଇଗୋଟି ମୋରମ ଉତ୍ସ ଯଥା – ଭଗବତୀପୁର ମୋରମ ଉତ୍ସ ଓ ହରିଡାମଡା ମୋରମ ଉତ୍ସ ଗୁଡ଼ିକର ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଛୁକ ବ୍ୟକ୍ତି ବିଶେଷ OMMC Rule 2016 ଅନୁଯାୟୀ FORM-M ପୂରଣ କରି ଏହାର ତିନି (3) କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ ତହସିଲଦାର, ଭୁବନେଶ୍ୱରଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟର Tender Box ରେ ଆସନ୍ତା **ତା 30.06.2020 ରିଖ ଠାରୁ ତା 28.07.2020 ରିଖ ଅପରାହ୍ଣ 5 ଘଟିକା** ପର୍ଯ୍ୟନ୍ତ ପକାଇ ପାରିବେ (ଛୁଟିଦିନ ବ୍ୟତୀତ) ଏବଂ ଯଦି ଉକ୍ତ ଦିନ ଅପରାହ୍ଣ 5 ଘଟିକା ପରେ କୌଣସି ଦରଖାସ୍ତ ପ୍ରାପ୍ତ ହୁଏ ସେହି ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେଶନଂ ଲେଖା ଥିବା ଆବଶ୍ୟକ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କର ରହିଛି । **ତା 29.07.2020 ରିଖ 11ଘଟିକା** ସମୟରେ ଲିଜ୍ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ ଯଥାକ୍ରମେ ତା **30.07.2020 ରିଖ** ଏବଂ ତା **31.07.2020 ରିଖ (ଦିବା 11 ଘଟିକା)** ସମୟରେ ଅନୁଷ୍ଠିତ ହେବ ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

1. ଦରଖାସ୍ତ ପାଉଣା ବାବଦକୁ ଟ 1000/- ର ଟ୍ରେଜରୀ ଚାଲାଣ ସଂଲଗ୍ନ କରିବେ । (Head of Account-0853-Non-ferrous Mining and Metallurgical Industries-102-Mining Concession fees, Rents and Royalties )
2. ଆବେଦନକରୀଙ୍କ କୌଣସି ଖଣିଜ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ଦେବେ ।
3. ଆବେନଦକାରୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା 5% ହାରରେ ସ୍ଥିରୀକୃତ ହୋଇ ଥିବା ବାଲିର ପରିମାଣ ଉପରେ ଦେୟ ଅମାନତ ରାଶି (Earnest Money) ଓ ଅନ୍ୟାନ୍ୟ ଦେୟ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପୈଠ କରିବେ ।
4. ଆବେଦନକାରୀ ଏକ ବର୍ଷ ନିମନ୍ତେ ନିର୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର (Mining Guaranted Quantity) ଲଘୁ ବାଲିଉତ୍ସ ପାଇଁ ଦେବାକୁ ଥିବା ରୟାଲଟି ( Royalty) ଓ ଦର୍ଶାଇଥିବା ଅତିରିକ୍ତ ଦେୟ ରାଶିର ଅଠର ମାସ ନିମନ୍ତେ ଏକ Solvency Certificate (ଋଣ ପିରଶୋଧ କ୍ଷମତା) କିମ୍ବା Bank Guarantee (ବ୍ୟାଙ୍କ ପ୍ରତ୍ୟାଭୂତ) ଦାଖଲ କରିବା ହେବେ ଏବଂ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତିର ଏକ ତାଲିକା ଦାଖଲ କରିବା ହେବେ ।
5. ନିଲାମଧାରୀ (Successful bidder) Mining Plan and Environmental clearance ବାବଦକୁ ଦେୟ ପୈଠ କରିବାକୁ ହେବ । ଏହା ବ୍ୟତୀତ ବିଜ୍ଞାପନ ବାବଦ ଖର୍ଚ୍ଚ ମଧ୍ୟ ବହନ କରିବେ ।

ଯଦି ଉକ୍ତ ଇସ୍ତାହାରରେ କୌଇସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ମମ୍ବନ୍ଧୀୟ ସମସ୍ତ ତଥ୍ୟ ଖୋର୍ଦ୍ଧା ଜିଲ୍ଲା ୱେବସାଇଟ୍ www.khordha.nic.in ରେ ଉପଲବ୍ଧ ଅଟେ । ଏହା ବ୍ୟତୀତ ଏ ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ମିଳିପାରିବ ।

ତହସିଲଦାର, ଭୁବନେଶ୍ୱର

## ସର୍ତ୍ତାବଳୀ

1. ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ- 2016 ( OMMC RULE-2016 ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୁଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୁଲ୍ୟ ଦରଜ କରିଥିବେ, ତେବେ ଲଟେରୀ ମାଧମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
3. ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ରୟାଲିଟି ନିମନ୍ତେ @Rs. 35/- ଏବଂ contribution payble to DNF Per CM ଗୁଣନ କରି ସଂପୃକ୍ତ ରାଶିର 25% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି(Earnest Money) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧ(Interest Free ) ରେ ରଖାଯିବ ।
4. ସର୍ବୋଚ୍ଚ ନିଲାମଧାରୀ ଉସ୍ଥ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା Mining Plan ବାବଦର ମୂଲ୍ୟ ପୈଠ କରିବାକୁ ହେବ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ପରିବେଶ ମଞ୍ଜୁରୀ (Environmental Clearance) ସଂପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବେ ।
5. ଯଦି ସର୍ବୋଚ୍ଚ Additional Charge ବା ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବାଧିକ ମୁଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।
6. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୁଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority)ଙ୍କ ଅନୁମତି କ୍ରମେ ନୂତନରୁପେ ନିଲାମ କରାଯିବ ।
7. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୁଲ୍ୟଠାରୁ କମ୍ ମୁଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।
8. ନିଲାମଧାରୀ OMMC RULE-2016 ର ନିୟମ-33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।
9. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ନଦୀବନ୍ଧ ଉପରେ ଚଳାଇବେ ନାହିଁ ।
10. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିବାରିବେ ନାହିଁ ।
11. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

12. ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକିୟ ମଞ୍ଜୁରୀ (Consent to establish & consent to operate) ଓଡ଼ିଶା ପ୍ରଦୂଷଣ ବୋର୍ଡ଼ରୁ (Orissa Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

13.ସର୍ବୋଚ୍ଚ ନିଲାମଧାରୀ ସମସ୍ତ (Clearance) ଦେୟ ଜମା କରିବା ପରେ ସେ ଫାରମ ଏନ (Form N)ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେସନ (ରେଜିଷ୍ଟ୍ରେସନ ଆକ୍ଟ-1908 ଓ ଷ୍ଟାମ୍ପ ଆକ୍ଟ-1899 ଅନୁଯାୟୀ) ସମ୍ପାଦନ କରିବେ । ଏବଂ ପରବର୍ତ୍ତୀ ବର୍ଷଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ 15 ତାରିଖ ପୂର୍ବରୁ ପଇଠ କରିବା ହେବେ ।

14.ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ ବହନ କରିବେ ।

15.ସୂଚନାଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟା ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

16.ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ବାଲି ଉଠାଇପାରିବେ ନାହିଁ ।

17. ନିଲାମ ଦରଖାସ୍ତକାରୀମାନେ ତଥା ଲିଜ ଗ୍ରହିତା ଓଡ଼ିଶା ଲଘୁ ଖଣିଜ ନିୟମ 2016 ଏବଂ ତତସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

18.ଯଦି ଉକ୍ତ ନିଲାମ ଇସ୍ତାହାରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

ପ୍ରଣାମ ଅଙ୍କ. ସାହୁ

ତହସିଲଦାର, ଭୁବନେଶ୍ୱର

ଜ୍ଞାପକ ସଂଖ୍ୟା 4296 ତା 26/6/2020

ଏହାର ନକଲ ଓ ଫାରମ-ଏମ(Form-M)ର ଏକ ନକଲ ଜିଲ୍ଲାପାଳ, ଖୋର୍ଦ୍ଧା/ଉପଜିଲ୍ଲାପାଳ, ଭୁବନେଶ୍ୱର/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭୁବନେଶ୍ୱରଙ୍କ ନୋଟିସ ବୋର୍ଡ଼ୟ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ଼/ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ଼/ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଗଲା ।

ଏହାର ନକଲ ସମ୍ପୃକ୍ତ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପ୍ରଣାମ ଅଙ୍କ. ସାହୁ

ତହସିଲଦାର, ଭୁବନେଶ୍ୱର

Annexure-I

# ଲିଜ ପାଇଁ ଇଦ୍ଧିଷ୍ଟ ଲଘୁ ଖାଦାନର ବିବରଣୀ

## ସୈରାତ ଉସର ବିସ୍ତାରିତ ବିବରଣୀ

| କ୍ର.ନଂ | ମୌଜାର ନାମ | ରାଜସ୍ୱ ସର୍କଲ | ସୈରାତ ଉସର ନାମ ଏବଂ କେସନଂ | ଖାତା ନଂ | ପ୍ଲଟ ନଂ | ରକବା ଏକରରେ | କିସମ | ଲଘୁ ଖଣିଜର ନାମ | ବାର୍ଷିକ ସର୍ବନିମ୍ନ ରୟାଲିଟିର ଧାର୍ଯ୍ୟ ମୂଲ୍ୟ (per cum) ଟଙ୍କାରେ | ଅତିରିକ୍ତ ଦେୟ (Additional Charge per cum) ଟଙ୍କାରେ | ଆନୁମାନିକ ବାର୍ଷିକ ଧାର୍ଯ୍ୟ ବାଲି/ ମୋରମ ର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Moneyର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|---|
| 1 | କଲ୍ୟାଣପୁର | ବାଲିପଡା | କୁଆଖାଇ ବାଲିଘାଟ କଲ୍ୟାଣପୁର (ଖ) ଏମ ଏମ କେସନଂ 02/2020-21 | 221 (ଆଅଅ) | 1061 | Ac. 49.950 | ନଦୀ | ବାଲି | Rs. 35/- | Rs. 50.00/- | 85,500 cum | Rs. 3,63,375/- |
| 2 | ହରିଡାମଡା | ମେଣ୍ଢାଶାଳ | ହରିଡାମଡା ମୋରମ ଉସ | 177 (ରକ୍ଷିତ ଅନାବାଦୀ) | 501(p) | Ac. 5.000 | ଗୋଚର | ମୋରମ | Rs. 35/- | Rs. 50.00/- | 35856 cum | Rs. 1,52,388/- |
| 3 | ଭଗବତୀପୁର | ମେଣ୍ଢାଶାଳ | ଭଗବତୀପୁର ମୋରମ ଉସ | 219 (ରକ୍ଷିତ ଅନାବାଦୀ) | 283 (p) | Ac. 5.000 | ଗୋଚର | ମୋରମ | Rs. 35/- | Rs. 50.00/- | 36000 cum | Rs. 1,53,000/- |